# ଭା.କୃ.ଅ.ନୁ.ପ.- କେନ୍ଦ୍ରୀୟ କପା ଗବେଷଣା ପ୍ରତିଷ୍ଠାନ, ନାଗପୁର
## କପା ଚାଷ ପାଇଁ XVI(ଷୋଡଶ) ସାପ୍ତାହିକ ପରାମର୍ଶ

| ODISHA | | ପୂର୍ବ ସପ୍ତାହରେ ବାସ୍ତବିକ ବର୍ଷା (ମିମି) | | | | | ଆଗାମୀ ସପ୍ତାହରେ ଆନୁମାନିକ ବର୍ଷା (ମିମି) | | | | |
|---|---|---|---|---|---|---|---|---|---|---|---|
| | | ସେପ୍ଟେମ୍ବର | | | | | ସେପ୍ଟେମ୍ବର | | | | |
| | | 01 | 02 | 03 | 04 | 05 | 07 | 08 | 09 | 10 | 11 |
|  | କୋରାପୁଟ | 0 | 0 | 0 | 0 | 0 | 60 | 35 | 10 | 5 | 5 |
| | କଳାହାଣ୍ଡି | 0 | 0 | 12 | 0 | 6 | 25 | 30 | 15 | 10 | 5 |
| | ବଲାଙ୍ଗିର | 0 | 0 | 14.6 | 9 | 40.7 | 18 | 25 | 30 | 10 | 5 |
| ବର୍ଷ ପରିମାଣ ଓ ରଙ୍ଗ ସଂକେତ | | ୦.୧ ରୁ ୨.୪ ମି ମି | | ୨.୫ ରୁ ୧୫.୫ ମିମି | | ୧୫.୬ ରୁ ୬୪.୪ ମିମି | | ୬୪.୫ ରୁ ୧୧୫.୫ ମିମି | | ୧୧୫.୬ ରୁ ୨୦୪.୪ ମିମି | |
| ବର୍ଷା ପ୍ରକାର | | ଅତି ଅଳ୍ପ ବର୍ଷା | | ଅଳ୍ପ ବର୍ଷା | | ସାଧାରଣ ବର୍ଷା | | ପ୍ରବଳ ବର୍ଷା | | ଅତି ପ୍ରବଳ ବର୍ଷା | |

କପା ଫସଲ ଅବସ୍ଥା:

ଓଡିଶାରେ କପା ଫସଲ 66 ରୁ 76 ଦିନ ଅବସ୍ଥାରେ ଅଛି। ଫୁଲ ଓ ବକରା ଧରିବା ଅବସ୍ଥାରେ ଅଛି। ଏହି ସପ୍ତାହରେ ଘାସ ବଛା, କୋଡାଖୋସା, ତୃତୀୟ ଦଫା ସାର ପ୍ରୟୋଗ(ଜବକ୍ଷାରଜନ ୨୫%), ଘାସମରା ଔଷଧର ପ୍ରୟୋଗ, ଲେଡା ପୋକ, କାଣ୍ଡବିନ୍ଧା ଓ ପତ୍ରଖିଆ ଆଦି ପୋକର ନିୟନ୍ତ୍ରଣ ପାଇଁ କୀଟନାଶକ ଔଷଧ ପ୍ରୟୋଗ ଇତ୍ୟାଦି କାର୍ଯ ଚାଷୀ ଭାଇ ମାନେ କରିଛନ୍ତି । ଏକବିଜପତ୍ରୀ, ଦ୍ୱିବିଜପତ୍ରୀ ତଥା ମୁଥା ଜାତୀୟ ବହୁ ପ୍ରକାରର ଘାସ କପା ଫସଲକୁ ଆକ୍ରାନ୍ତ କରିଛି। ହାତରେ ଘାସ ବାଛି କିମ୍ବା ଘାସମରା ପକାଇ ଘାସ ନିୟନ୍ତ୍ରଣ କରା ଯାଇଛି। ରାଜ୍ୟର କେତକ ସ୍ଥାନରୁ ଝଉଂଳା, ମୂଳ ଶଢା ଓ ବୀଜାଣୁ ଜନିତ ପତ୍ରଦାଗ ରୋଗର ସୂଚନା ମିଳିଛି।

**ପରାମର୍ଶ:**

ଘାସ ବଛା, କୋଡାଖୋସା, କରିବା କାର୍ଯ ଶୀଘ୍ର ଶେଷ କରିବାକୁ ଚାଷୀ ମାନଙ୍କୁ ପରାମର୍ଶ ଦିଆଯାଉଛି। ତୃତୀୟ ଦଫା ସାର ପ୍ରୟୋଗ ଶୀଗ୍ର ଶେଷ କରିବା ଦରକାର, କାରଣ ଜବକ୍ଷାରଜନ ସାର ବିଳମ୍ବରେ ପ୍ରୟୋଗ କାଲେ ଡାଳ ପତ୍ର ଅଧିକ ବଢେ ଓ ଫୁଲ ଫଳ ଧରିବାକୁ ଡେରି ହୁଏ। କପା ଫସଲରେ ଲାଗୁଥିବା ରୋଗୋ ଓ ପୋକର ସ୍ଥିତି ଜାଣିବା ପାଇଁ ନିୟମିତ ସର୍ବେକ୍ଷଣ କରନ୍ତୁ। ପତ୍ରଡିଆ ଓ ଜଉ ପୋକର ସଂଖ୍ୟା ଆର୍ଥିକ ଦାହେଳି ସୀମା ଅତିକ୍ରମ କଲେ ୧୦ ଲିଟର ପାଣିରେ ୪ ଗ୍ରାମ ଫ୍ଲୋନିକାମିଡ ୫୦ WG କିମ୍ଵା ୩ ଗ୍ରାମ ଡାଇନେଟୋଫୁରଣ 20 SG କିମ୍ବା ୨ ଗ୍ରାମ ଥାଇୟମେଥୋକ୍ସାମ 25 WG ଅଉଷଧକୁ ସିଞ୍ଚନ କରନ୍ତୁ। ପତ୍ରଡିଆ ପୋକ ଓ ଧଳାମାଛି ପୋକର ସ୍ଥିତି ଜାଣିବା ପାଇଁ ଏକର ପ୍ରତି ୮ ଟି ସଙ୍ଗ ଆକର୍ଷକ ଯନ୍ତା ସ୍ଥାପନ କରନ୍ତୁ। ପଟଳ ବକରା ବିନ୍ଧା ପୋକ ଓ କାଣ୍ଡ ବିନ୍ଧା ପୋକର ନିୟନ୍ତ୍ରଣ ପାଇଁ ୧୦ ଲିଟର ପାଣିରେ ୨୫ ମିଲି କ୍ଲୋରୋପାଇରୋଫୋସ 20 EC କିମ୍ବା ୨୦ ମିଲି କୁଇନାଲଫୋସ 20 AF କିମ୍ଵା ୩୦ ମିଲି ପ୍ରଫେନୋଫୋସ 50 EC ଓଉଷଧକୁ ସିଞ୍ଚନ କରନ୍ତୁ। କପା ଫସଲରେ ଝଉଂଳା ରୋଗୋ ଲାଗିଲେ ମି 10 ଲିଟର ପାଣିରେ 1 ଗ୍ରା କୋପୋର 25 ଗ୍ରା କୋବାଲ୍ଟ କ୍ଲୋରଇଡ ଓଉଷଧକୁ ମିଶାଇ ସିଂଚନ କରନ୍ତୁ। ରୋଗର ଲକ୍ଷଣ ଦେଖା ଦେବା ସାଙ୍ଗେ ସାଙ୍ଗେ 150 ଅକ୍ଷିକ୍ଲୋରଇଡ ସହିତ-.ଲି ପାଣିରେ ମିଶାଇ ସିଂଚନ କରନ୍ତୁ 10 ଗ୍ରା ୟୁରିୟା ସାରକୁ 200 ପତ୍ରଖିଆ ଲେଡା ପୋକ ର ସଂକ୍ରମଣ ବିଷୟରେ ଜାଣିବା ପାଇଁ ହେକ୍ଟର ପିଛା ଟି ସାଙ୍ଗ ଆକର୍ଷକ ଜନ୍ତା ସ୍ଥାପନ କରନ୍ତୁ। କପା ଫସଲରେ ନାଲି ପତ୍ର ଦାଗ 5 ଗ୍ରାମ ୟୁରିୟା ସାର ମିଶାଇ ସିଞ୍ଚନ 100 ଗ୍ରାମ ମ୍ୟାଗନେଶିୟମ ସଲ୍ଫେଟ ଓ 100 ଲିଟର ପାଣିରେ 10 ରୋଗର ନିୟନ୍ତ୍ରଣ ପାଇଁ କରନ୍ତୁ। ବୀଜାଣୁ ଜନିତ ପତ୍ରଦାଗ ରୋଗର ନିୟନ୍ତ୍ରଣ ପାଇଁ 30 ଗ୍ରାମ କପର ଅକ୍ଷିକ୍ଲୋରଇଡ 50WG/WP ଓଉଷଧକୁ 10 ଲିଟର ପାଣିରେ ମିଶାଇ ସିଂଚନ କରିବାକୁ ପରାମର୍ଶ ଦିଆଯାଉଛି। ମୂଳ ଶଢା ଓ ଝଉଂଳା ରୋଗର ନିୟନ୍ତ୍ରଣ ପାଇଁ 10 ଲିଟର ପାଣିରେ 12 ଗ୍ରାମ କରବେନ୍ଦାଜିମ 50% WP କିମ୍ବା 100 ଗ୍ରାମ ଟ୍ରାଇକୋଡର୍ମା ଭିଡ଼ିଦେ କିମ୍ବା ଟ୍ରାଇକୋଡର୍ମା ହରଜିଆନମ ଗୁଣ୍ଡ ଓଉଷଧକୁ ଗଛ ମୂଳରେ ସିଂଚନ କରନ୍ତୁ ।